# ଜିଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ଶୋଭାଯାତ୍ରା

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)

ଚାଷୀଙ୍କ ସମସ୍ୟା ଓ ନାଗରିକ ସଂଶୋଧନ ଆଇନ ଉଚ୍ଛେଦ ସମେତ ୪ ଦଫା ଦାବି ନେଇ ଶୁକ୍ରବାର ଜିଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ମାଲକାନଗିରି ଜିଲା ସଦର ମହକମାଠାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ଘନଶ୍ୟାମ ମାଡ଼କାମିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତାଓ ସଦସ୍ୟ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। । ସେଠାରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଜରିଆରେ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାରେ ପ୍ରକୃତ ଚାଷୀ ଧାନ ବିକ୍ରି କରି ପାରୁ ନ ଥିବା ବେଳେ ଦଲାଲ ଏବଂ ନକଲି ଭାଗଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଧାନ ବିକ୍ରି କରୁଛନ୍ତି। ଫଳରେ ପ୍ରକୃତ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକ୍ରି କରି ନ ପାରି ବାଧ ହୋଇ ଦଲାଲ ଏବଂ ନକଲି ଭାଗଚାଷୀଙ୍କୁ କମ ଦରରେ ବିକ୍ରି କରୁଛନ୍ତି। ଜିଲା ପ୍ରଶାସନ ଏହା ଜାଣି ସୁଦ୍ଧା ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି କେନ୍ଦ୍ର ସରକାର ବିଗତ ଦିନରେ ଯେଉଁ ନାଗରିକ ସଂଶୋଧନ ବିଲ୍ ସଂସଦରେ ପାରିତ କରି ଆଇନରେ ପରିଣତ କରିଛନ୍ତି ତାହା ଦେଶର ସମଗ୍ର ମୂଳନିବାସୀ ତଥା ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗର ଅଧିବାସୀଙ୍କ ମନରେ ଆଘାତ ଦେଇଛି । କେନ୍ଦ୍ର ସରକାର ଏହି ଆଇନ୍ ଲାଗୁ କଲେ ଦେଶର ମୂଳନିବାସୀ ତଥା ଆଦିବାସୀ, ଦଳିତ, ପଛୁଆ ବର୍ଗର ଲୋକେ ନାଗରିକତ୍ୱରୁ ବଞ୍ଚିତ ହେବେ ବୋଲି ମହାସଂଘ ଅଭିଯୋଗ କରିଛି। ଏହାକୁ ଉଚ୍ଛେଦ କରିବାକୁ ଦାବି କରି ଶିକ୍ଷିତ ଆଦିବାସୀ ଯୁବତୀଯୁବକଙ୍କୁ ସଂରକ୍ଷଣରେ ଭିତ୍ତିରେ ନିଯୁକ୍ତି ନ ମିଳିବା, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଦିବାସୀଙ୍କୁ ପ୍ରତାରିତ କରାଯବା, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା କାର୍ଯ୍ୟକାରୀ ନ ହେବା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। କାର୍ଯ୍ୟକ୍ରମରେ ମହାସଂଘର ଉପଦେଷ୍ଟା ସନୁ ଅନଗୁ, ଉପ ସଭାପତି ଲକ୍ଷ୍ମଣ ନାୟକ, ସଙ୍ଗଠନ ସମ୍ପାଦକ ତ୍ରିନାଥ ଭୂମିଆଙ୍କ ସମେତ ୧ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସାମିଲ ହୋଇଥିଲେ।



ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

- ପ୍ରଶାସନ ସହଯୋଗରେ ନକଲି ଭାଗଚାଷୀ ବିକୁଛନ୍ତି ଧାନ
- ପ୍ରକୃତ ଚାଷୀ ହେଉଛନ୍ତି ଅବହେଳିତ
- ନାଗରିକତ୍ୱ ଆଇନରେ କ୍ଷତିଗ୍ରସ୍ତ ହେବେ ମୂଳନିବାସୀ

## ସଂକ୍ଷେପରେ

### ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା



ମାଲକାନଗିରି,୨୭।୧୨ (ଡି.ଏନ୍.ଏ.)-ମାଲକାନଗିରି ଜିଲାର ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା କେତେକ ଅନୁଷ୍ଠାନକୁ ନେଇ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ସଭାଗୃହରେ ଏକ ୩ ଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏହାକୁ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଉଦ୍‌ଘାଟନ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ଅଧକ୍ଷତାରେ ହୋଇଥିବା ଏହି କର୍ମଶାଳାରେ ଜିଲା ଶିଶୁ ମଙ୍ଗଳ କମିଟ ସଦସ୍ୟା ଚୁମୁକି ବେହେରା, ପ୍ରକଳ୍ପ ଅଧିକାରୀ ସୁଦେଷ୍ଣା ରାଉତ, ଆଇନ ଅଧିକାରୀ ସତ୍ୟଜିତ ପଣ୍ଡା ପ୍ରମୁଖ ଯୋଗଦେଇ ସରକାର ଶିଶୁଙ୍କ ପାଇଁ କରିଥିବା ପୋକ୍ସୋ ଆଇନ୍, ଜୁଭେନାଲ୍ ଜଷ୍ଟିସ, ଶିଶୁଙ୍କ ଯତ୍ନ, ଥଇଥାନ, ଶିଶୁ ମଙ୍ଗଳ କମିଟିର କାର୍ଯ୍ୟକାରିତା ଓ ରିପୋର୍ଟ ପ୍ରସ୍ତୁତି ଉପରେ ଅଲୋକପାତ କରିଥିଲେ । କର୍ମଶାଳାରେ ଜିଲାର ପ୍ରାୟ ୫୦ ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରଥିଲେ।

### ଅବ୍ୟବସ୍ଥାରେ ନେତାଜୀନଗର



ମାଲକାନଗିରି, ୨୭।୧୨(ସ୍ୱ.ପ୍ର.)-ମାଲକାନଗିରି ସଦର ମହକୁମାସ୍ଥିତ ୧୨ନଂ ୱାର୍ଡର ନେତାଜୀନଗରର ଚର୍ଚ୍ଚ ସାହିରେ ରାସ୍ତା ଅବସ୍ଥା ଖରାପ ହୋଇପଡିଛି। କଲଭର୍ଟ ଭାଙ୍ଗିଯାଇଛି। ଅଳ୍ପବର୍ଷା ହେଲେ ଡ୍ରେନପାଣି ଘରେ ପଶୁଛି । ଭଙ୍ଗା କଲଭର୍ଟ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ପାନୀୟ ଜଳ ପାଇଁ ମାତ୍ର ଗୋଟିଏ ନଳକୂପ ରହିଛି। ସେଥିରୁ ଭଲ ପାଣି ବାହାରୁନାହିଁ । ସାହିରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେମଧ ପୌର ପରିଷଦ କୌଣସି ପଦକ୍ଷେପ ନେଉନାହିଁ । ସାହିରେ ଆଉ ଗୋଟିଏ ଗୋଟିଏ ନଳକୂପ ବସାଇବା, ରାସ୍ତା ନିର୍ମାଣ କରିବା ସହ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବାକୁ ସୁବ୍ରତ ଦାସ, ମଞ୍ଜୁ କୁଳଦୀପ, ଘାସିରାମ ବାଘ, ଟି. ଜାନି, ରାଜେଶ ଦୋରା ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ଏମ. ନିଳକଣ୍ଠ ନାଇଡୁଙ୍କୁ ପଚାରିବାରୁ ସେ କହିଲେ ଯେ, ଖୁବଶୀଘ୍ର କଲଭର୍ଟ ନିର୍ମାଣ କରାଯିବା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ।

# ୩ ଚାନ୍ଦା ଆଦାୟକାରୀ ଗିରଫ

ମାଲକାନଗିରି/କୋରୁକୋଣ୍ଡା, ୨୭।୧୨(ସ୍ୱ.ପ୍ର./ଡି.ଏନ.ଏ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ୩ ଜଣ ଚାନ୍ଦା ଆଦାୟକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମାଲକାନଗିରି ଥାନା ପିଟାକାଟା ଗ୍ରାମର ସୁଜନ ମଜୁମଦାର, ମାରିବେଡା ଗ୍ରାମର ଜଗନ୍ନାଥ ମଣ୍ଡଳ ଓ ଏମ.ଭି-୨୩ ଗ୍ରାମର ବିଦୁ ଶାହା। ବିଦୁ ମାଲକାନଗିରି ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି। ଏହି ଅଭିଯୁକ୍ତମାନେ କୋରୁକୋଣ୍ଡା ବ୍ଲକ କତାପାଲି ଗ୍ରାମର ଆନନ୍ଦ ପାଙ୍ଗିଙ୍କ ଘରକୁ ଯାଇ ସେ ଗଞ୍ଜେଇ ଚାଷ ଏବଂ ଗଞ୍ଜେଇ ବ୍ୟବସାୟ କରୁଛନ୍ତି ବୋଲି କହି ତାଙ୍କୁ ୧ ଲକ୍ଷ ୧୦ ହଜାର ଟଙ୍କା ଦେବା ପାଇଁ ବାଧ କରିଥିଲେ। ଆନନ୍ଦ ତାଙ୍କୁ ଡିସେମ୍ବର ୮ରେ ୧୦ ହଜାର ଟଙ୍କା ଦେଇଥିଲେ। ବାକି ୧ ଲକ୍ଷ ଟଙ୍କା ଡିସେମ୍ବର ୨୫ରେ ଦେବେ ବୋଲି କହିଥିଲେ। ପରେ ୨୫ରେ ଅଭିଯୁକ୍ତମାନେ ଆସି ତାଙ୍କୁ ୧ଲକ୍ଷ ଟଙ୍କା ମାଗିଥିଲେ। ସେହି ସମୟରେ ଗ୍ରାମବାସୀ ଏକାଠି ହୋଇ ସେମାନଙ୍କୁ କେଉଁ ବିଭାଗରୁ ଆସିଛ ବୋଲି ପଚରାଉଚରା କରିଥିଲେ। ଫଳରେ ସେମାନେ ସେଠାରୁ ଚାଲିଯାଇଥିଲେ। ଅଭିଯୁକ୍ତମାନେ ଆସିଥିବା ବୋଲେରୋ (ଓ ଡି ୩୦ ୯୬୬୬) ନମ୍ବରକୁ ଗ୍ରାମବାସୀ ଲେଖି ରଖିଥିଲେ। ପରେ ସେମାନେ ଏହି ନମ୍ବରକୁ ପୋଲିସକୁ ଦେବା ସହ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କେସ୍ ନଂ. ୨୨୧/୧୯। ସମସ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ କହିଛନ୍ତି।


ଗିରଫ ୩ ଅଭିଯୁକ୍ତ ।

- ସମରା ହତ୍ୟାକାଣ୍ଡ ଘଟଣା

# ଗିରଫ ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଚିତ୍ରକୋଣ୍ଡା,୨୭।୧୨(ଡି.ଏନ.ଏ.)-

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ମିନି ଷ୍ଟାଡିୟମ ଭିତରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୨୩ରେ ଡେପସାହି ଗ୍ରାମର ସମରା ତନ୍ତୀଙ୍କୁ ହତ୍ୟା ଘଟଣାରେ ଅଟକ ଥିବା ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ବେନିଆଗୁଡା ଗ୍ରାମର ପବିତ୍ର ବେନିଆ ଓ ଗୋଜିଆଗୁଡା ଗ୍ରାମର ସାଧୁ ସାମରେଡି। ଏହି ଘଟଣାରେ ୪ ଜଣ ସମ୍ପୃକ୍ତ ଥିଲେ। ୨ଜଣ ଧରାପଡି ଗିରଫ ହୋଇଥିବା ବେଳେ ଅନ୍ୟ ୨ ଜଣଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି। ସୂଚନାଯୋଗ୍ୟ ଯେ, ୨ ଗିରଫ ଅଭିଯୁକ୍ତଙ୍କୁ ସେମାନଙ୍କ ହାତରେ ଛାଡିଦେବାକୁ ଦାବି କରି ଗ୍ରାମବାସୀ ଥାନା ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଥାନା ଅଧିକାରୀ ଶବର ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଗାଡି କାଗଜପତ୍ର ଠିକ୍ ନ କଲେ କଡା କାର୍ଯ୍ୟାନୁଷ୍ଠାନ

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)

ରାଜ୍ୟରେ ଦିନକୁ ଦିନ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି। ଏଥିଯୋଗୁ ଅନେକ ଧନଜୀବନହାନି ହେଉଛି। ଏହାକୁ ଦୃଷ୍ଟିରେ କେନ୍ଦ୍ର ସରକାରଙ୍କ ପ୍ରଣିତ ନୂତନ ମୋଟର ଯାନ ଆଇନକୁ ରାଜ୍ୟ ସରକାର ରାଜ୍ୟରେ ଲାଗୁ କରିଥିଲେ। ଏହାକୁ ଉଲ୍ଲଂଘନ କଲେ ମୋଟା ଅଙ୍କର ଜରିମାନା ଦେବାକୁ ନୂତନ ନିୟମରେ ଧାର୍ଯ୍ୟ ହୋଇଛି। ତେବେ ଅଧିକାଂଶ ଗାଡିଚାଳକ ନିଜ ଗାଡିର ଲାଇସେନ୍ସ ସହ ଅନ୍ୟାନ୍ୟ କାଗଜପତ୍ର ଠିକ୍ ରଖି ନ ଥିବାରୁ ଧରପଗଡ ବେଳେ ଜରିମାନା ଗଣିଥିଲେ। ଏନେଇ କେତେକ ସ୍ଥାନରେ ଜନ ଅସନ୍ତୋଷ ପ୍ରକାଶ ପାଇବାରୁ ସରକାର ଗାଡି କାଗଜପତ୍ର ପ୍ରସ୍ତୁତ କରିବା ଲାଗି ୨ଟି ପର୍ଯ୍ୟାୟରେ ୩ମାସ ଲେଖାଏ ସମୟ ଦେଇଛନ୍ତି। ଏହି ସମୟ ଶେଷ ମଧ୍ୟରେ ଯଦି ଗାଡିଚାଳକମାନେ ଲାଇସେନ୍ସ ସହ ପ୍ରଦୁଷଣମୁକ୍ତ ସାର୍ଟିଫିକେଟ୍, ଇନ୍‌ସୁରାନ୍ସ ହେଲମେଟ ବ୍ୟବହାର ଏବଂ ଚାରିଚକିଆ ଗାଡିର ଚାଳକ ସିଟ ବେଲ୍ଟ ସହ ସମସ୍ତ କାଗଜପତ୍ର ସମୟ ସୀମା ମଧ୍ୟରେ କରି ନ ଥିବେ ତେବେ ଆଗାମୀ ଦିନରେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୁକ୍ରବାର ଏକ କାର୍ଯ୍ୟକ୍ରମରେ କୁହାଯାଇଛି। ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଅଧକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଡକ ସୁରକ୍ଷା ସଚେତନତା କର୍ମଶାଳା ଅବସରରେ ଏହା କୁହାଯାଇଛି। ମହାବିଦ୍ୟାଳୟ ପରିସରରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀମାନଙ୍କୁ ନେଇ ହୋଇଥିବା କର୍ମଶାଳାରେ ଏସ୍‌ଡିପିଓ ପ୍ରହଲ୍ଲାଦ ସାହାୟ ମୀନା, ଏମ୍‌ଭିଆଇ ଖଗେଶ୍ୱର ମୁର୍ମୁ, ଆଇଆଇସି ରାମପ୍ରସାଦ ନାଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂଆ ପରିବହନ ଆଇନ ସମ୍ପର୍କରେ ସଚେତନ କରି ଉପରୋକ୍ତ ବ୍ୟକ୍ତବ୍ୟ ରଖିଥିଲେ। ଏହି ଅବସରରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏସ୍‌ଡିପିଓ ମୀନା ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।



ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

## ସ୍ତ୍ରୀ ପାଇଁ ବିଷ ପିଇ ସ୍ୱାମୀଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୭।୧୨ (ସ୍ୱ.ପ୍ର.)

ନିଜ ସ୍ତ୍ରୀ ପାଇଁ ବିଷ ପିଇଲେ ସ୍ୱାମୀ । ଏପରି ଏକ ଘଟଣା ଘଟିଛି ମାଲକାନଗିରି ଜିଲା ଏମଭି-୯ ଗ୍ରାମରେ। ଏହି ଗ୍ରାମର ଅସୀମ ହାଲଦରଙ୍କ ସ୍ତ୍ରୀଙ୍କ ଅନ୍ୟ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରଖି ପ୍ରେମିକ ସହ ଫେରାର ହୋଇଯାଇଥିଲେ। ଏହା ପରେ ଲୋକଲଜ୍ଜା ସହି ନ ପାରି ଅସୀମ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଏନେଇ ଅସୀମଙ୍କ ପରିବାର ଲୋକେ ମାଲକାନଗିରି ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ ସମ୍ପୃକ୍ତ ମହିଳା ନିଜ ପ୍ରେମିକ ସହ ଫେରାର ହୋଇଯାଇଥିଲେ। ତେବେ ଗ୍ରାମବାସୀ ଓ ତାଙ୍କ ସ୍ୱାମୀ ସେତେବେଳେ ତାଙ୍କୁ ବୁଝାଶୁଝା କରି ଫେରାଇ ଆଣି ଘଟଣାର ସମାଧାନ କରିଥିଲେ।

ଟ୍ରେନ୍ ନଂ.18117/18118
ରାଉରକେଲା-ଗୁଣୁପୁର-ରାଉରକେଲା
ରାଜ୍ୟରାଣୀ ଏକ୍ସପ୍ରେସ୍‌ର
ଚଳାଚଳ ଦିବସରେ ବୃଦ୍ଧି

ଟ୍ରେନ୍ ନଂ.18117/18118 ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ତା.28.12.2019ରିଖ ଠାରୁ ରାଉରକେଲାରୁ ଏବଂ ତା.29.12.2019ରିଖ ଠାରୁ ଗୁଣୁପୁରରୁ ଚଳାଚଳ ଦିବସ ସପ୍ତାହରେ 06 ଦିନ ପରିବର୍ତ୍ତେ ସବୁଦିନ ଚଳାଚଳ କରିବା ନିମନ୍ତେ ନିମ୍ନ ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯାଇଛି :

| ଟ୍ରେନ୍ ନଂ. | ବର୍ତ୍ତମାନ ଚଳାଚଳ କରୁଥିବା ଦିନ | ସଂଶୋଧିତ ଚଳାଚଳ କରିବା ଦିନ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 18117 ରାଉରକେଲା-ଗୁଣୁପୁର ଏକ୍ସପ୍ରେସ୍ | ଶନିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 28.12.2019 |
| 18118 ଗୁଣୁପୁର-ରାଉରକେଲା ଏକ୍ସପ୍ରେସ୍ | ରବିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 29.12.2019 |

ପୂର୍ବ ତଟ ରେଳପଥ
PR-612/K/19-20

# ଜାତୀୟ ସ୍ତରରେ ସ୍ୱର୍ଣ୍ଣ, ରୌପ୍ୟ ପଦକ ଜିତିଥିବା ଛାତ୍ରୀଙ୍କୁ ପୁରସ୍କୃତ କଲା ପ୍ରଶାସନ


ମାଲକାନଗିରି ଜିଲାପାଳ ଜାତୀୟସ୍ତରରେ ସ୍ୱର୍ଣ୍ଣ, ରୌପ୍ୟ ପଦକ ବିଜେତା କୁନିଙ୍କୁ ପୁରସ୍କୃତ କରୁଛନ୍ତି ।

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାର୍କେଲଗୁଡା ଶିଶୁ ଗୃହରେ ରହୁଥିବା ଛାତ୍ରୀ କୁନି ମାଡି ଜାତୀୟ ସ୍ତରରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଥିବାରୁ ତାଙ୍କୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ମନୀଷ ଅଗ୍ରୱାଲ ପୁରସ୍କୃତ କରିଛନ୍ତି। ତାଙ୍କୁ ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା,ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ ଯେ, ନବମ ଶ୍ରେଣୀର ଛାତ୍ରୀ କୁନି ଜଣେ ଅନାଥ ଶିଶୁ ହୋଇଥିବାରୁ ତାଙ୍କୁ ମାର୍କେଲଗୁଡା ସ୍ଥିତ ଶିଶୁ ଗୃହରେ ରଖାଯାଇ ଶିକ୍ଷା ଗ୍ରହଣ ଲାଗି ସମସ୍ତ ସୁବିଧା ଚାଇଲ୍ଡ ଲାଇନ ପକ୍ଷରୁ ପ୍ରଦାନ କରାଯାଇଛି। ତେବେ ୨୮ଟି ରାଜ୍ୟର ଶିଶୁ ଗୃହରେ ରହୁଥିବା ଛାତ୍ରୀଛାତ୍ର ମାନଙ୍କ ପାଇଁ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୁନି ୧୦୦ ମିଟର ରିଲେ ଦୌଡରେ ସ୍ୱର୍ଣ୍ଣ ଓ ଲମ୍ବଡିଆଁ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରଥିଲେ।

# ରୋଷେୟା, ସେବାୟତ ସଂଘର ଜିଲାସ୍ତରୀୟ ସମ୍ମିଳନୀ

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ରୋଷେୟା ଓ ସେବାୟତ ସଂଘ ପକ୍ଷରୁ ଶୁକ୍ରବାର ସଦର ବ୍ଲକ ବନ୍ଧଗୁଡା କେନ୍ଦ୍ରୀୟ ଚାରାରୋପଣ କେନ୍ଦ୍ର ପରିସରରେ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜୟରାମ ଭୂମିଆଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସାରଦା ର୍କିତ୍ତି, ରାଜ୍ୟ ଉପସଭାପତି ସତ୍ୟ ନାରାୟଣ ସେନାପତି, ସମ୍ପାଦକ ଧନୁର୍ଜୟ ପୂଜାରୀ, ଉପଦେଷ୍ଟା ଦୁର୍ଯ୍ୟୋଧନ ପାତ୍ର, ଅହଲ୍ୟା ନାୟକ, ଧନ କିର୍ସାନି, ତ୍ରିନାଥ ଦଲେଇ, ଲକ୍ଷ୍ମୀଧର କୋପେ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଏହି ବିଭାଗର ୭ଟି ବ୍ଲକରେ ଥିବା ବିଦ୍ୟାଳୟଗୁଡିକରେ ୪୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତ୍ୟହ ଖାଦ୍ୟ ରାନ୍ଧିବା, ପରିବେଷଣ କରିବା ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ମାତ୍ର ଅନେକ ସମୟରେ ଏମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅତ୍ୟଧିକ କାର୍ଯ୍ୟ ଦେଉଛନ୍ତି। ଏପରିକି ସେମାନଙ୍କ ଦ୍ୱାରା କାଠ ଚିରାଇବା, ଛାତ୍ରୀଛାତ୍ରଙ୍କର ବିଦ୍ୟାଳୟ ଭିତରେ କିମ୍ବା ବାହାରେ କିଛି ସମସ୍ୟା ଘଟିଲେ ରୋଷେୟା ଓ ସେବାୟତ ମାନଙ୍କୁ ଦାୟୀ କରି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାକୁ ସଂଘ ନିନ୍ଦା କରିବା ସହ ଏଣିକି ରୋଷେୟା ଓ ସେବାୟତମାନେ ଦୈନିକ ଖାଦ୍ୟ ରାନ୍ଧିବା, ପାକଶାଳା ପରିଷ୍କାର କରିବା, ଖାଦ୍ୟ ପରିବେଷଣ କରିବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ସମ୍ମିଳନୀରେ ସରକାରଙ୍କ ନିକଟରେ କରିଥିବା ଦାବିଗୁଡିକ ଉପରେ ଆଲୋଚନା ହୋଇଥିଲା। ମାସର ନିର୍ଦ୍ଦିଷ୍ଟ ତାରିଖରେ ଦରମା ପ୍ରଦାନ, ନିୟମିତ ୮ ଘଣ୍ଟା କାର୍ଯ୍ୟସୂଚୀ ପ୍ରଦାନ କରିବା, ୯୩ ମସିହାରୁ ଯେଉଁ ରୋଷେୟାମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ବାର୍ଷିକ ୧୫ ଦିନ ସିଏଲ୍ ମିଳୁଛି, ମାତ୍ର ପରେ ଯେଉଁ ରୋଷେୟାମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି ସେମାନଙ୍କୁ ସିଏଲ୍ ପ୍ରଦାନ ମିଳୁନାହିଁ। ମହିଳା କର୍ମଚାରୀଙ୍କୁ ୯୦ ଦିନ ପ୍ରସୂତିକାଳୀନ ଛୁଟି ପ୍ରଦାନ, ଇପିଏଫ୍ ପ୍ରଦାନ, ଏରିୟର ପ୍ରଦାନ, ଚାକିରି ସମୟରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କାର ସରକାରୀ ସହାୟତା ସହ ପରିବାରର ଜଣଙ୍କୁ ଚାକିରି, ପ୍ରତ୍ୟେକ ବିଦ୍ୟାଳୟକୁ ଜାଳେଣି କାଠ ପରିବର୍ତ୍ତେ ଗ୍ୟାସ ଯୋଗାଇ ଦେବା, ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଥିବା ଏହି ଦାବିଗୁଡିକ ଉପରେ ଆଲୋଚନା ହୋଇଥିଲା। ଜିଲାରେ ମଙ୍ଗଳ ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ୪ଶହରୁ ଊର୍ଦ୍ଧ୍ୱ ରୋଷେୟା ଓ ସେବାୟତ ମହିଳା ପୁରୁଷ କର୍ମଚାରୀ ଉପସ୍ଥିତ ଥିଲେ। ସଂଘର ଦାବିଗୁଡିକ ସରକାର ତୁରନ୍ତ ପୂରଣ ନ କଲେ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନ ହେବ ବୋଲି କୁହାଯାଇଥିଲା।


ରୋଷେୟା, ସେବାୟତ ସଂଘର ସମ୍ମିଳନୀରେ ଉପସ୍ଥିତ ସଦସ୍ୟା ସଦସ୍ୟମାନେ ।





କଳାହାଣ୍ଡିର ଘୁମୁରା ନୃତ୍ୟ ।



ଭାକୁରଗୁଡ଼ା ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି ।

# ଚଇତି - ୨୦୧୯

ଦୁଲୁକୁଛି ରାୟଗଡ଼ା ସହର । ଦୁଲୁକୁଛି ପୂରା ପରିବେଶ । ଚଇତିର ଚମକରେ ଯେମିତି ଉଛୁଳୁଛି ସଭିଙ୍କ ପ୍ରାଣ । ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ

## ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ନାଚଗୀତର ଆସର ଭିତରେ ମତୁଆଲା ମନ ଆନମନା ହେଉଛି । ଏହାସହ ବିଦେଶୀ ନୃତ୍ୟଶିଳ୍ପୀଙ୍କ ନୃତ୍ୟର କାଉଁରୀ ଚମକରେ ବିଭୋର ହୋଇଛନ୍ତି ଦର୍ଶକ । ଗହ ଗହ କାଲୁଆ ଜାଡ଼ରେ ମନଭରି ଉପଭୋଗ କରିଛନ୍ତି ଦର୍ଶକ ।



ଡଙ୍ଗରିଆ କନ୍ଧଙ୍କ ପାରମ୍ପରିକ ନୃତ୍ୟ ।



ଗଜପତିର ପ୍ରିୟଙ୍କା ଗ୍ରୁପ୍ ଦ୍ୱାରା ପରିବେଷିତ ନୃତ୍ୟ ।

# ବିଦେଶୀଙ୍କ ନୃତ୍ୟରେ ଦୁଲୁକିଲା ମଞ୍ଚ



ଶ୍ରୀଲଙ୍କାର କଳାକାରମାନଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ।

ରାୟଗଡା ଅଫିସ, ୨୭।୧୨

ଶୁକ୍ରବାର ଦ୍ୱିତୀୟ ଦିନରେ ଲୋକ ମହୋତ୍ସବ 'ଚଇତି'। ଦ୍ୱିତୀୟ ସନ୍ଧ୍ୟାରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ରାୟଗଡ଼ା ଜିଲା ସଂସ୍କୃତିର ଗନ୍ତାଘର, ପ୍ରକୃତିର ମନ୍ଦିର । ରାୟଗଡ଼ା କହିଲେ ଆଦିବାସୀଙ୍କୁ ହିଁ ବୁଝାଏ । ତେଣୁ ସେମାନଙ୍କର ଆହୁରି ଉନ୍ନତି ହେବା ଦରକାର । ଏମାନଙ୍କ କଳା ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ ବୋଲି କହିଥିଲେ । ଆରକ୍ଷୀ ଅଧୀକ୍ଷକ ଡ଼. ଶ୍ରବଣ ବିବେକ ଏମ , ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରୁତୁରାଜ, ଗୁଣୁପୁର ଉପଜିଲାପାଳ ଡ଼. ବି. ସିଦ୍ଧେଶ୍ୱର ବଳିରାମ, ରାୟଗଡ଼ା ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ପ୍ରାରମ୍ଭରେ ମ୍ୟୁଜିକ ଗାଲେକ୍ସି ଦଳ ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଗଜପତିର ପ୍ରିୟଙ୍କା ଗ୍ରୁପ ପକ୍ଷରୁ ମାହାରୀ ନୃତ୍ୟ, ଚାଟିକଣା ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ପାରମ୍ପରିକ ଡ଼ଙ୍ଗରିଆ ନୃତ୍ୟ , କୋଲନରାର ସୁରଭି -୨ ପକ୍ଷରୁ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ବିଦେଶୀଙ୍କ ନୃତ୍ୟରେ ଦୁଲୁକିଥିଲା ମଞ୍ଚ । ଶ୍ରୀଲଙ୍କାର ଲୋକନୃତ୍ୟକୁ ବେଶ୍ ଉପଭୋଗ କରିଥିଲେ ଦର୍ଶକ । ନିଜ ଦେହରେ ନିଆଁ ଲଗାଇ ନାଚିବା ଏବଂ ପାଟିରେ ନିଆଁକୁ ଲିଭାଇବା କଳାକୁ ଅତି ସୁନ୍ଦର ଭାବେ ପରିବେଷଣ କରିଥିଲେ କଳାକାରମାନେ । ଏଥିସହ ନେପାଳର ଲୋକନୃତ୍ୟ ଓ କୋଲକତାର ଲେପଚା ନୃତ୍ୟ ମଧ୍ୟ ମନଛୁଆଁ ଥିଲା । ଭାକୁରୁଗୁଡ଼ାର ସରଗିଫୁଲ (୨)ର ଆଦିବାସୀ ନୃତ୍ୟ ଥିଲା ସବୁଠାରୁ ନିଆରା । ରାଜ୍ୟସ୍ତରରେ ସରଗି ଫୁଲରେ ପୁରସ୍କୃତ ଛାତ୍ରୀଛାତ୍ର ନୃତ୍ୟ ମାଧ୍ୟମରେ ଗ୍ରାମର ସୌନ୍ଦର୍ଯ୍ୟତା, ସମସ୍ୟା , ସୁବିଧା ନେଇ ସଚେତନତାର ବାର୍ତ୍ତା ଦେଇଥିଲେ । ଯାହା ଦର୍ଶକଙ୍କ ମନ କିଣି ନେଇଥିଲା । ପରେ କାଶୀପୁର ବ୍ଲକର କଳା ସଂସ୍କୃତି ସଂଘର ତୋଳିଖୋରୀର ଆଦିବାସୀ ନୃତ୍ୟ, କଲ୍ୟାଣସିଂହପୁର ବ୍ଲକର କଳା ସଂସ୍କୃତି ସଂଘର ଆଦିବାସୀ ନୃତ୍ୟ, ବଲାଙ୍ଗୀର ଜିଲା ସଂସ୍କୃତି ପରିଷଦ ଢ଼ାପ, ଜିଲା ସଂସ୍କୃତି ପରିଷଦ ବଉଦର ଆଦିବାସୀ ନୃତ୍ୟ, କଳାହାଣ୍ଡି ଜିଲା ସଂସ୍କୃତି ପରିଷଦର ଘୁମୁରା ନୃତ୍ୟ, ମା' ଫୁଲ କାରାଣୀର ଆଦିବାସୀ ନୃତ୍ୟ, ଛତିଶଗଡ଼ର ଲୋକନୃତ୍ୟ, ମଧ୍ୟ ପ୍ରଦେଶର ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଏହା ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ସିନେ କଳାକାର ପୁପିନ୍ଦର ଏବଂ ଦମୟନ୍ତୀ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ପୂର୍ବରୁ ଆୟୋଜିତ ମହିଳା କବାଡ଼ି ,ବ୍ୟାଡ଼ମିଣ୍ଟନ, ଟ୍ରାଇ ସାଇକେଲ ରେସ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ବିଭିନ୍ନ ନୃତ୍ୟଦଳ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଦୃଷ୍ଟିହୀନ ଖେଳାଳି ଜାତୀୟ ସ୍ତରର କୃତିତ୍ୱ ହାସଲ କରିଥିବାରୁ କୋଚ ଚନ୍ଦ୍ରଶେଖର ପଟ୍ଟନାୟକଙ୍କୁ ଚଇତି ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ସାମାଜିକ କର୍ମୀ ଶାନ୍ତନୁ ମହାପାତ୍ର , ବୃକ୍ଷ ବନ୍ଧୁ ମୁରଲୀ ଗୌଡ଼ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।



ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।



ମ୍ୟୁଜିକ୍ ଗ୍ୟାଲେକ୍ସି ପକ୍ଷରୁ ସଙ୍ଗୀତ ଗାନ କରାଯାଉଛି ।



ଖୋର୍ଦ୍ଧାର ପାଇକ ଆଖଡ଼ା ।



କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ଓ ଏସ୍‌ପି ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ

### ଚନ୍ଦନ ପାଖରେ ପହଞ୍ଚିଲେ ସିଡବ୍ଲ୍ୟୁସି ଅଧ୍ୟକ୍ଷା



ଜୟପୁର,୨୭।୧୨(ଡି.ଏନ୍.ଏ.): ବୈପାରୀଗୁଡ଼ା ବ୍ଲକ ମହୁଲି ପଞ୍ଚାୟତ କୁମ୍ଭାରଗୁଡ଼ା ଗ୍ରାମରେ ୫ ବର୍ଷ ବୟସରେ ଏକା ଓ ଅସହାୟ ହୋଇପଡ଼ିଥିବା ଚନ୍ଦନ ପାଖରେ ଶୁକ୍ରବାର ପହଞ୍ଚିଛନ୍ତି ଜିଲା ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ। ତାଙ୍କ ସହ ଜୟପୁରର ଯୁବ ସ୍ୱେଚ୍ଛାସେବୀ ଲାଲୁ ଦେବଶର୍ମା ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଚନ୍ଦନର ରହିବା, ପାଠପଢ଼ା ଓ ଅନ୍ୟ ବ୍ୟବସ୍ଥା ପ୍ରଶାସନ କରିବ ବୋଲି ସିଡବ୍ଲ୍ୟୁସି ଅଧ୍ୟକ୍ଷା ଆଶ୍ୱାସନା ଦେଇଛନ୍ତି। ଅଜାଙ୍କ ଦଶାହକର୍ମ ସରିବା ପରେ ଚନ୍ଦନଙ୍କୁ ପ୍ରଶାସନ ନେଉ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି। ଦଶାହକାମ ସରିଲେ ନାବାଳକ ଚନ୍ଦନକୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଯିବ। ଉଲ୍ଲେଖଯୋଗ୍ୟ, ଚନ୍ଦନଙ୍କ ବାପାଙ୍କ ବିଷୟରେ ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ ମା' ତାଙ୍କୁ ୩ ବର୍ଷ ତଳେ ନିଜ ବାପାଙ୍କ ପାଖରେ ଛାଡ଼ି ଶ୍ରମିକ ଭାବେ କାମ କରିବାକୁ ହାଇଦ୍ରାବାଦ ଯାଇଥିଲେ। ସେବେଠାରୁ ତାଙ୍କର ପତା ମିଳୁନାହିଁ। ଗତ ୨୩ ତାରିଖରେ ଅସୁସ୍ଥ ତଥା ଶଯ୍ୟାଶାୟୀ ଥିବା ଅଜାଙ୍କ ମୃତ୍ୟୁ ପରେ ଚନ୍ଦନ ଏକା ହୋଇଯାଇଥିଲା।

### ବିଜେଡିରେ ମିଶିଲେ ଓକିଲ ସଂଘ ସମ୍ପାଦକ



ଜୟପୁର,୨୭।୧୨(ଡି.ଏନ୍.ଏ.): ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘର ସଂପାଦକ ରବୀନ୍ଦ୍ର ପାତ୍ର କୋରାପୁଟଠାରେ ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ସଂଘର ସଂପାଦକ ପାତ୍ର କଂଗ୍ରେସ ଦଳର ଜଣେ ବରିଷ୍ଠ ସଦସ୍ୟ ଭାବେ ଦୀର୍ଘ ବର୍ଷ ଧରି ରହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ବିଜେଡି ଜିଲା ସଭାପତି ପାଣିଗ୍ରାହୀଙ୍କ ଦୃଢ଼ ନେତୃତ୍ୱରେ ଜିଲାର ଉନ୍ନତି ହେଉଥିବା ଯୋଗୁ ସେ ଦଳରେ ସାମିଲ ହୋଇଥିବା କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ତାଙ୍କର ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଗତ ନଭେମ୍ବର ମାସରେ ଜୟପୁର କୋର୍ଟରେ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ପାତ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ କରାଯାଇଥିଲା । ଏନେଇ 'ଧରିତ୍ରୀ'ରେ ଗତ ମାସରେ ଏହି ଖବର ପ୍ରକାଶ ପାଇବା ସହ ସେ ବିଜେଡିରେ ମିଶିବା ସମ୍ଭାବନା କଥା ମଧ ଉଲ୍ଲେଖ କରାଯାଇଥିଲା।

# ବିକ୍ରି ହୋଇପାରୁନି ଧାନ, ମଣ୍ଡି ବନ୍ଦକଲେ ଚାଷୀ

**ହାର୍ଡ କପି ବାହାରୁ ନ ଥିବାରୁ ଧାନବିକ୍ରି ପାଇଁ ଉପୁଜିଛି ସମସ୍ୟା**

କୁନ୍ଦୁରା,୨୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ୧୧ଟି ଖରିଫ ଧାନ ମଣ୍ଡି ଅଧୀନରେ ରହିଥିବା ଚାଷୀ ଗତ ଦିନରେ ବହୁମୁଖୀ ସମବାୟ ସମିତି କାର୍ଯ୍ୟାଳୟ ଲ୍ୟାମ୍ପସରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ହେବାକୁ ସମସ୍ତ କାଗଜପତ୍ର ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ହାର୍ଡକପି ବାହାରୁ ନ ଥିବା ଯୋଗୁ ଚାଷୀକୁଳ ବିରକ୍ତ ହୋଇ ଶୁକ୍ରବାର ଲ୍ୟାମ୍ପ ଘେରାଉ କରିବା ସହ ସମସ୍ତ ମଣ୍ଡି ବନ୍ଦ କରିଛନ୍ତି।

ସୂଚନା ମୁତାବକ, ପ୍ରତି ବର୍ଷ ଚାଷୀମାନଙ୍କ ଖରିଫ ଓ ରବିଋତୁରେ ପଞ୍ଜିକରଣ ପାଇଁ ସମୟସୀମା ଅକ୍ଟୋବର ୩୦ ରହିଛି। କିନ୍ତୁ ସମୟ ଅତିକ୍ରମ କରିଯାଇଥିଲେ ମଧ କୁନ୍ଦୁରା ବ୍ଲକର ପ୍ରାୟ ୬୦୦ରୁ ୮୦୦ ଚାଷୀଙ୍କ ଏଯାବତ୍ ପଞ୍ଜିକୃତ ହୋଇ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ଶୁକ୍ରବାର ପ୍ରାୟ ୩୦୦ରୁ ୪୦୦ ଚାଷୀ କୁନ୍ଦୁରା ଲ୍ୟାମ୍ପସ ଘେରାଉ କରିବା ସହ ଆସନ୍ତା ଦିନରେ ହେବାକୁ ଥିବା ସମସ୍ତ ମଣ୍ଡି ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହାକୁ ଅବମାନନା କରି ଲ୍ୟାମ୍ପସର କୌଣସି ଅଧିକାରୀ ମଣ୍ଡିସ୍ଥଳକୁ ଗଲେ ଚାଷୀ ଆଇନ ହାତକୁ ନେବା ପାଇଁ ବାଧହେବୁ ବୋଲି ଚରମ ବାଣୀ ଶୁଣାଇଛନ୍ତି। ଚାଷୀଙ୍କ କହିବା ଅନୁଯାୟୀ ଖରିଫ ଧାନ ବିକ୍ରି କରିବା ପାଇଁ ସରକାରୀ ଓ ପ୍ରଶାସନର ନିର୍ଦ୍ଦେଶାନୁଯାୟୀ ୩୦ ଅକ୍ଟୋବର ରହିଥିବା ବେଳେ ପଞ୍ଜିକରଣ ପାଇଁ ଚାଷୀଙ୍କ ପକ୍ଷରୁ ଲ୍ୟାମ୍ପସରେ ସମସ୍ତ କାଗଜପତ୍ର ଦାଖଲ କରାଯାଇଛି। ବର୍ତ୍ତମାନ ସମସ୍ତ ଚାଷୀଙ୍କ ମଧ୍ୟରୁ ୬୦୦ରୁ ୮୦୦ ଜଣ ଚାଷୀଙ୍କର ବିଲକୁଲ ପଞ୍ଜିକରଣ ହୋଇ ନ ଥିବାବେଳେ କେତେକ ଚାଷୀଙ୍କ ମୋଟ ଜମି ମଧ୍ୟରୁ ଅଳ୍ପ ପରିମାଣ ବା ଏକର ହିସାବରେ ହାର୍ଡକପି ବାହାରୁଛି। ଯଦ୍ୱାରା ଦଲାଲମାନେ ଦେଇଥିବା ପଞ୍ଜିକୃତ ଚାଷୀ ତାଲିକା ପ୍ରତି ସାପ୍ତାହିକ ମଣ୍ଡି ଦିବସରେ ବାହାରୁଥିବା ବେଳେ ଅସଲ ଚାଷୀ ଧାନ ବିକ୍ରି କରି ନ ପାରି ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ କୁନ୍ଦୁରା ଲ୍ୟାମ୍ପସ ଘେରାଉ କରିବା ନିମନ୍ତେ ଚାଷୀକୁଳ ବାଧ ହୋଇଛନ୍ତି। ଚାଷୀ ପକ୍ଷରୁ କୁନ୍ଦୁରା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କୁ ଚାଷୀ ପଞ୍ଜୀକରଣ ପାଇଁ ଦେଇଥିବା ଦସ୍ତାବିଜ୍ ମାଗିବାରୁ ସେ ତାହା ସମବାୟ ଏଆର୍‌ସିଏସ୍‌ଙ୍କୁ ସେହି ସମୟରେ ହିଁ ପଠେଇ ଦେଇଥିବା କହିଛନ୍ତି। ପରେ ଜୟପୁର ଏଆର୍‌ସିଏସ୍‌ଙ୍କୁ ପଚରାଯିବାରୁ ସେ କହିଛନ୍ତି, ଆମ କ୍ଷମତା ପରିସରରେ ଏହା ନ ଥିବା ଯୋଗୁ ଏହାକୁ ଆମେ ଜିଲା ଯୋଗାଣ ଅଧିକାରୀଙ୍କୁ ଦେଇଛୁ। କୁନ୍ଦୁରାଠାରେ ଆୟୋଜିତ ଜିଲାପାଳଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ବେଳେ କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ସହ କେତେକ ଚାଷୀ ପଞ୍ଜିକରଣ ବାବଦରେ ବଳକା ଚାଷୀଙ୍କୁ ସାମିଲ କରାଯିବା ପାଇଁ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ଦାୟିତ୍ୱ ଜିଲା ଯୋଗାଣ ଅଧିକାରୀ ଓ କୁନ୍ଦୁରା ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ସମ୍ବନ୍ଧିତ ସମସ୍ତ ପଞ୍ଜିକୃତ କାଗଜପତ୍ର ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଛି। ସେଠାରୁ ଯାହା ନିର୍ଦ୍ଦେଶ ଆସିବ, ତାହା ଆମେ କରିବୁ।

ଟୋକନ ବ୍ୟବସ୍ଥା ନେଇ ଗତ ଦିନରେ କୋରାପୁଟ ଜିଲା କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ବେଳେ ସମାନ ସମସ୍ୟା କୁନ୍ଦୁରା ବ୍ଲକରେ ମଧ ଦେଖିବାକୁ ମିଳିଛି। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କ ସୂଚନା ମୁତାବକ ବର୍ତ୍ତମାନ ଚାଷୀ ତାଲିକା କିମ୍ବା ଟୋକନ ବ୍ୟବସ୍ଥା ସେମାନଙ୍କ ଦ୍ୱାରା ପରିଚାଳିତ ନ ହୋଇ ଭୁବନେଶ୍ୱରରେ ହେଉଛି। ଏହାକୁ ନେଇ ଚାଷୀକୁଳ ଜାତୀୟ ମାନବାଧିକାର କମିଶନ ଜିଲା ସଭାପତି ସନାତନ ବେହେରା, ସମ୍ପାଦକ ହେମନ୍ତ ପାଣିଗ୍ରାହୀ, କୋଟପାଡ଼ ବ୍ଲକ ସମ୍ପାଦକ ନିକଟରେ କୋର୍ଟ ଷ୍ଟାମ୍ପ ପେପରରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକୃତ ଗରିବ ଚାଷୀଙ୍କ ପ୍ରତି ପ୍ରଶାସନ ଓ ଦଲାଲ ମିଶି ହଇରାଣ କରୁଥିବା ନେଇ ଲିଖିତ ଅଭିଯୋଗ ହୋଇଛି।



ଚାଷୀଙ୍କ ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ସିଏବି, ଏନ୍‌ଆର୍‌ସି ବିରୋଧରେ ଶୋଭାଯାତ୍ରା




ସିଏବି, ଏନ୍‌ଆରସି ବିରୋଧରେ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଜୟପୁର,୨୭।୧୨(ଡି.ଏନ୍.ଏ./ନି.ପ୍ର.)

ଜୟପୁରସ୍ଥିତ ସିହା ମୁସଲିମ ସଂପ୍ରଦାୟ ପକ୍ଷରୁ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ଓ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି) ବିରୋଧରେ ଶୁକ୍ରବାର ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହୋଇଛି। ସ୍ଥାନୀୟ ଜମାଲ ସାହି ମସଜିଦରେ ନମାଜ ପାଠ ପରେ ସଂପ୍ରଦାୟର ମହିଳା ଓ ପୁରୁଷମାନେ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଧାରଣା ଦିଆଯିବା ସହ ଶୋଭାଯାତ୍ରା ପୁଣି ଜାମାଲ ସାହିକୁ ଫେରିଥିଲା। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବା ବେଳେ ଏଠାରେ ଜାତି ଓ ଧର୍ମଭିତ୍ତିକ ଭେଦଭାବ ରହିବା ଅନୁଚିତ। କେନ୍ଦ୍ର ସରକାର ତୁରନ୍ତ ଉଭୟ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ମୌଲାନା ହାଇଦର ଅଲ୍ଲୀ, ଆଜାଦ ଅଲ୍ଲୀ, ଅହମଦ ଅଲୀ, ହାସାନ ମଦାନୀ, ଜାଫର ମଦାନୀ, ଆକବର ଖୁନସାଇ, ସକିଲ ମଦାନୀ, ଜାକିର ଅଲୀ, ଆରିଫ ମୌସବି, ରାମଜାନ ଅଲୀ, ଜିରାନ ଅଲୀ ସାମିଲ ଥିଲେ।

## ବିଏସ୍‌ଏନ୍‌ଏଲ୍‌ର ଗ୍ରାହକ କର୍ମଶାଳା

ଜୟପୁର,୨୭।୧୨ (ଡି.ଏନ୍.ଏ.):

କୋରାପୁଟ ଜିଲା ଜୟପୁରସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ଶୁକ୍ରବାର ଗ୍ରାହକଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଆଗାମୀ ଦିନରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଗ୍ରାହକଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧା ଓ ସୁଯୋଗ ଉପରେ ଉପସ୍ଥିତ ଅଧିକାରୀମାନେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ପିପିପି ଅନୁଯାୟୀ ଲୋକଙ୍କ ସମସ୍ୟାର ସମାଧାନ କେତେକ ସ୍ଥାନୀୟ ଏଜେଣ୍ଟଙ୍କ ଦ୍ୱାରା କରାଯିବ। ଏହି ଅବସରରେ ଜିଏମ୍ ବିଷ୍ଣୁ ରଞ୍ଜନ ପାଣିଗ୍ରାହୀ, ଡିଜିଏମ୍ ଭୈରବ ଚରଣ ପ୍ରଧାନ ଏବଂ ଟ୍ରାଇର ଅଧିକାରୀ ଆର.ଏନ୍. ସାହୁ ଉପସ୍ଥିତ ରହି ଗ୍ରାହକଙ୍କୁ ବିଭିନ୍ନ ବିଷୟରେ ବୁଝାଇଥିଲେ। ସ୍ଥାନୀୟ ଏସ୍‌ଡିଓ (ଫୋନ) ଅଜୟ ନେପାକ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ

ଲକ୍ଷ୍ମୀପୁର,୨୭।୧୨(ଡି.ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ୨୦୧୯-୨୦ ବର୍ଷ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ଲକ୍ଷ୍ମୀପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଗ୍ରାମପଞ୍ଚାୟତ ଅଧିକାରୀ ଭି.ଏସ୍. ଶର୍ମା, ଗୌଡ଼ଗୁଡ଼ା ସରପଞ୍ଚ ଡମ୍ବରୁ ମୁଦୁଲି, ଭିତରଗଡ଼ ସରପଞ୍ଚ ଶ୍ରୀଧର ଜାନି, ତୁନପାର ସରପଞ୍ଚ କୁନି ଧାଙ୍ଗଡ଼ାମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୬ଟି ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଡ. ସୀମାଞ୍ଚଳ ମହାପାତ୍ର, ସ୍ପେଶାଲିଷ୍ଟ ଡ. ଦେବଦତ୍ତ ଆଚାର୍ଯ୍ୟ, ଡ. ଅନନ୍ତ ମେହେର, ଡ. ଡି. ହରେକ୍ରିଷ୍ଣା, ଡ. ଅଶୋକ ମହାପାତ୍ର, ଡ. ବିଜୟ କୁମାର ଷଡ଼ଙ୍ଗୀ ଶାରୀରିକ ଅକ୍ଷମତା ଯାଞ୍ଚ କରିଥିଲେ। ବୌଦ୍ଧିକ ଅକ୍ଷମତାରେ ୩୬ ଜଣ, ଅସ୍ଥିଶଲ୍ୟବାଧିତ ୪୫ ଜଣ, ଶ୍ରବଣବାଧିତ ୧୧ ଜଣ, ଦୃଷ୍ଟିବାଧିତ ୧୯ ଜଣଙ୍କୁ ମିଶାଇ ମୋଟ ୧୧୧ ଜଣ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଲାଗି ଚୟନ କରାଯାଇଥିଲା। ଲକ୍ଷ୍ମୀପୁର ବ୍ଲକ ବିଏସ୍‌ଏସ୍‌ଓ କାର୍ତ୍ତିକ ପାଢ଼ୀ, ଅଙ୍ଗନୱାଡ଼ି ସୁପରଭାଇଜର ପାର୍ବତୀ ଆଚାର୍ଯ୍ୟ, ଶିଶୁ ସୁରକ୍ଷା ସାମାଜିକ କର୍ମୀ ବସନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରୋଗୀଙ୍କୁ ରାତ୍ରିକାଳୀନ ସେବା ଦେଉଛନ୍ତି ଆଟେଣ୍ଡର

**ଜୟପୁର ଜିଲା ଚିକିତ୍ସାଳୟ**

ଜୟପୁର,୨୭।୧୨(ଡି.ଏନ୍.ଏ.)

ଦୀର୍ଘ ଦିନର ଦାବି ପରେ ୨୦୧୮ରେ ଜୟପୁରରେ ଜିଲା ଚିକିତ୍ସାଳୟ ସ୍ଥାପନ ହୋଇଥିଲା। ଏହାର ପ୍ରତିଷ୍ଠା ପରେ ଅଧିକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ରହିବା ଦ୍ୱାରା ସ୍ଥାନୀୟ ଏବଂ ଆଖାପାଖ ଅଞ୍ଚଳର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ସେହି ଆଶା ଆଶାରେ ହିଁ ରହିଯାଇଛି।

ସମସ୍ତ ଅବ୍ୟବସ୍ଥାରେ ଚାଲୁଛି ଏହି ଚିକିତ୍ସାଳୟ। ଆବଶ୍ୟକ ଡାକ୍ତର ନ ଥିବାବେଳେ ଏଠାରେ ପ୍ରଶାସନ ଓ ବିଭାଗର ଏକଛତ୍ରବାଦ ଚାଲିଛି। ରାତିରେ କିଛି ଅସୁବିଧା ହେଲେ ରୋଗୀଙ୍କୁ ଦେଖିବା ପାଇଁ ଗ୍ରାମାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଅସ୍ଥାୟୀ ଡାକ୍ତରଙ୍କୁ ଏଠାରେ ରାତି ୯ରୁ ସକାଳ ୮ ଯାଏ ଚିକିତ୍ସା ଦାୟିତ୍ୱ ଦିଆଯାଇଛି। କିନ୍ତୁ ଇଞ୍ଜେକ୍ସନ ଦେବାକୁ କୌଣସି ଷ୍ଟାଫ୍‌ନର୍ସ କିମ୍ବା ଫାର୍ମାସିଷ୍ଟ ରହୁନାହାନ୍ତି। ଏହା ବଦଳରେ ବିନା ତାଲିମପ୍ରାପ୍ତ ଅନଭିଜ୍ଞ ଆଟେଣ୍ଡରଙ୍କୁ ଏହି ଇଞ୍ଜେକ୍ସନ ଦେବା ଦାୟିତ୍ୱ ଦିଆଯାଇଛି। ଗତ ଗୁରୁବାର ରାତି ୧୨ଟାରେ ସହରର ନୂଆସାହିର ଜଣେ ଛାତ୍ରୀଙ୍କ ଦେହ ଖରାପ ହେବାରୁ ତାଙ୍କୁ ଜିଲା ଚିକିତ୍ସାଳୟ ଅଣାଯାଇଥିଲା। ଉପସ୍ଥିତ ଜଣେ ଡାକ୍ତର ପ୍ରଥମେ ଟିକଟ କରିବାକୁ କହିଥିଲେ। ରୋଗୀଙ୍କ ପରିବାର ଲୋକ ଟିକଟ କାଉଣ୍ଟର ଯାଇଥିବା ବେଳେ ସେଠାରେ କବାଟ ବନ୍ଦ ଥିଲା। ଅନ୍ଧାର ସହ ସେଠାରେ କେହି ନ ଥିଲେ। ତେଣୁ ଡାକ୍ତରଙ୍କୁ କାଗଜରେ ଲେଖିଦେବାକୁ ଅନୁରୋଧ କରାଯାଇଥିଲା। ଡାକ୍ତର ଜଣକ ୩ଟି ଇଞ୍ଜେକ୍ସନ ଦେବା ପାଇଁ କହିଥିଲେ। ଦାୟିତ୍ୱରେ ଥିବା ଆଟେଣ୍ଡର ଦୁଇଟି ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ଛାତ୍ରୀଙ୍କ ମୁଣ୍ଡ ଘୂରାଇଥିଲା। ପରିବାର ଲୋକେ ଡାକ୍ତରଙ୍କୁ କହିବା ସହ ଏହାର ପ୍ରତିବାଦ କରିଥିଲେ। ଉପସ୍ଥିତ ଡାକ୍ତର ଅନ୍ୟ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରାତି ଡ୍ୟୁଟିରେ ଆସିଥିବା ଓ ଆଟେଣ୍ଡରଙ୍କ ବିଷୟରେ ଜାଣି ନ ଥିବା କହିଥିଲେ। ପରେ ଜଣେ ଫାର୍ମାସିଷ୍ଟ ଆସି ତୃତୀୟ ଇଞ୍ଜେକ୍ସନ ଦେଇଥିଲେ। ଏନେଇ ସିଡିଏମ୍‌ଓ ଡା. ମକରନ୍ଦ ବେହେରାଙ୍କୁ ଯୋଗଯୋଗ କରିବାରୁ ସେ କହିଥିଲେ, ସ୍ଥାନୀୟ ଚିକିତ୍ସାଳୟରେ ଜଣେ ଏଡିଏମ୍‌ଓଙ୍କୁ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ପ୍ରଥମେ ଅଭିଯୋଗ କର। ଆଗାମୀ ଦିନରେ ଅଧିକ କର୍ମଚାରୀ ପୋଷ୍ଟିଂ କରାଯିବ ବୋଲି ସେ କହିଛନ୍ତି ।

## ବିଜେଡିର ସାଙ୍ଗଠନିକ ବୈଠକ

**■ ୫ ନିର୍ବାଚନମଣ୍ଡଳୀ ପାଇଁ ଦିଆଗଲା ପର୍ଯ୍ୟବେକ୍ଷକ**



ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ସେମିଳିଗୁଡ଼ା,୨୭।୧୨(ସ୍ୱ.ପ୍ର.)

କୋରାପୁଟ ସଦରସ୍ଥିତ ସର୍କିଟ ହାଉସରେ ନିର୍ବାଚନ ଅଧିକାରୀ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ବିଜେଡିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ପାଇଁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଜିଲା ବିଜେଡି ସଭାପତି ତଥା ବିହନ ନିଗମର ଅଧ୍ୟକ୍ଷ ଈଶର ଚନ୍ଦ୍ର ପାଣିଗ୍ରାହୀ ଏବଂ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଏବଂ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଉପସ୍ଥିତ ରହିଥିଲେ। ସମସ୍ତ ବ୍ଲକ, ପୌରପରିଷଦ, ଏନ୍‌ଏସିରେ ଦଳର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଜିଲାର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇଛି। ଜୟପୁର ନିର୍ବାଚନମଣ୍ଡଳୀ ପାଇଁ ଇନ୍ଦିରା ନନ୍ଦ, ବାଲା ରାୟ, କୋଟପାଡ଼ ପାଇଁ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ପାଇଁ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ପାଇଁ ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗୀ ପାଇଁ ବିଧାୟକ ପ୍ରୀତମ ପାଢ଼ୀ ଓ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

## ନାଲ୍‌କୋରେ ରାଜ୍ୟସ୍ତରୀୟ ସୁରକ୍ଷା କର୍ମଶାଳା

ଦାମନଯୋଡ଼ି,୨୭।୧୨(ଡି.ଏନ୍.ଏ.)



ଅତିଥିମାନେ ସୁରକ୍ଷା କର୍ମଶାଳାକୁ ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଶା କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ନାଲ୍‌କୋରେ ରାଜ୍ୟସ୍ତରୀୟ ସୁରକ୍ଷା କର୍ମଶାଳା ଆୟୋଜିତ ହୋଇଛି। ଏହାକୁ କୋରାପୁଟ ଉପଜିଲାପାଳ ଦେବେନ ପ୍ରଧାନ ମୁଖ୍ୟ ଅତିଥି ରୂପେ ଉଦ୍‌ଘାଟନ କରିଛନ୍ତି। ନାଲ୍‌କୋ ଇଡି ରବିଶଙ୍କର ଦାସ, ହାଲ୍ ଇଡି ଦେବାଶିଷ ଦେବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନରୁ ୫ଶହରୁ ଅଧିକ ପ୍ରତିନିଧି ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସ୍ୱରୂପ ଜେନା ଓ ସହ ନିର୍ଦ୍ଦେଶକ ସ୍ୱାଧୀନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଶିଳ୍ପାନୁଷ୍ଠାନରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ବ୍ୟାବହାରିକ ସୁରକ୍ଷା ତାଲିମ ଉପରେ ଧ୍ୟାନଦେବା ଓ ସୁରକ୍ଷା ସଚେତନତା ମାଧ୍ୟମରେ ସୁରକ୍ଷା ପ୍ରଣାଳୀକୁ ଆଗକୁ ନେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଉପନିର୍ଦ୍ଦେଶକ ଜେନା ସରକାରଙ୍କ ୫-ଟି ପ୍ରକ୍ରିୟାରେ ସୁରକ୍ଷାର ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ନାଲ୍‌କୋ ମହାପ୍ରବନ୍ଧକ ଭୀମସେନ ପ୍ରଧାନ ସରକାରଙ୍କ ଦ୍ୱାରା ପ୍ରଚଳିତ ଦଶଧାରା କାର୍ଯ୍ୟକ୍ରମ ଉପରେ ନାଲ୍‌କୋର ଭୂମିକା ଓ ଅଗ୍ରଗତି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସହ ନିର୍ଦ୍ଦେଶକ ସ୍ୱାଧୀନ ବେହେରା ସ୍ୱାଗତ ଭାଷଣ ଓ ସହ ନିର୍ଦ୍ଦେଶକ ରଣଜିତ ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ଶିଳ୍ପାନୁଷ୍ଠାନର ୧୫ ଜଣ କର୍ମଚାରୀଙ୍କୁ ସର୍ବୋତ୍ତମ ସୁରକ୍ଷିତ କର୍ମଚାରୀ ରୂପେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଲୋକ ମିଶ୍ର, ସୁରେଶ ମିଶ୍ର, ଶଶାଙ୍କ ସାହୁ, ପ୍ରଭାତ ଦାଶ, ମନୋଜ ଗନ୍ତାୟତ, ପ୍ରଦୀପ ପାଢ଼ଜୋଷୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**■ ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ବୈଠକ**

## ୩ରେ ଦୁଇ ଜିଲାର ଜମାକାରୀଙ୍କ ସମ୍ମିଳନୀ

ଜୟପୁର,୨୭।୧୨(ନି.ପ୍ର.)

ଆର୍ଥିକ ସଂସ୍ଥାମାନଙ୍କ ଦାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର କୋରାପୁଟ ଓ ରାୟଗଡ଼ା ଜିଲା କର୍ମକର୍ତ୍ତାଙ୍କ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜୟପୁରସ୍ଥିତ ଶ୍ରମିକ ଭବନରେ ଅଖିଳ ଚନ୍ଦ୍ର ତାପାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚର ରାଜ୍ୟ ସଭାପତି ଜୟନ୍ତ ଦାସ ଯୋଗଦେଇ କହିଛନ୍ତି, ୨୦୧୪ ନିର୍ବାଚନ ପୂର୍ବରୁ ଜମାକାରୀ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଜମାଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇ ଭୋଟ୍ ନେଲେ। ୩୦୦ କୋଟିର କର୍ପସ ପାଣ୍ଠି ଘୋଷଣା କଲେ। ପ୍ରଥମେ ପାତ୍ର କମିଶନ ଓ ପରେ ମଦନ ମୋହନ ଦାସ କମିଶନ ଜମାକାରୀଙ୍କଠାରୁ ସତ୍ୟପାଠ ନେଲେ। ଏସବୁ ସତ୍ତ୍ୱେ ଜମାକାରୀଙ୍କୁ ନ୍ୟାୟ ମିଳିନାହିଁ କି ଅର୍ଥ ଫେରସ୍ତ ହେଉନାହିଁ। ରାଜ୍ୟରେ ୧୨୦୦ ଚିଟ୍‌ଫଣ୍ଡ କମ୍ପାନୀ ରହିଥିଲେ, କିନ୍ତୁ ସରକାର ମାତ୍ର ୩୦୦ କମ୍ପାନୀ ବିରୋଧରେ ମାମଲା କରି ଚୁପ୍ ବସିଛନ୍ତି। ତହସିଲ ଜରିଆରେ ଜମାକାରୀ ଚିହ୍ନଟ, ଯାଞ୍ଚ ଓ ଟଙ୍କା ଫେରସ୍ତ ବ୍ୟବସ୍ଥା ଦାବିରେ ଜାନୁଆରୀରୁ ରାଜ୍ୟର ସବୁ ତହସିଲରେ ଗଣସତ୍ୟାଗ୍ରହ କରିବାକୁ ଚେତାବନୀ ଦେଇଛନ୍ତି ଜମାକାରୀ। ଅବିଭକ୍ତ କୋରାପୁଟ ଜିଲାର ମଞ୍ଚ ସଂଯୋଜକ ପ୍ରଦୀପ ମହାରଣା ଜାନୁୟାରୀ ୩ରେ ରାୟଗଡ଼ା ଜିଲା ଅଧୀନ ୧୨ଟି ତହସିଲର ଜମାକାରୀଙ୍କୁ ନେଇ ରାୟଗଡ଼ା ଜିଲାସ୍ତରୀୟ ଜମାକାରୀ ସମ୍ମିଳନୀ କରିବେ। ସେହିପରି କୋରାପୁଟ ଜିଲାର ୧୪ଟି ତହସିଲର ଜମାକାରୀଙ୍କୁ ନେଇ କୋରାପୁଟ ଗୋପାଳପୁରରେ କୋରାପୁଟ ଜିଲାସ୍ତରୀୟ ଜମାକାରୀ ସମ୍ମିଳନୀ ପାଇଁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ମଞ୍ଚର ସଦାନନ୍ଦ ଗୁଣ୍ଡା, ରାମାନା ଶିଶା, ଲକ୍ଷ୍ମଣ ନାଏକ, ପୀତାମର ଟୋଇଲା, କାସପତୀ ପ୍ରଧାନୀ, ତୁଳା ଶିଶା, ଲକ୍ଷ୍ମଣ ସାଗର, ବ୍ୟାମ ଖିଲ, ମଧୁ ମାଳୀ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ମଞ୍ଚ କର୍ମକର୍ତ୍ତା।

